_______ DEPARTMENT

No. 15893

The 18.7. 19__

FILE NO. SC 74/85

Serial No. ________

To

ପ୍ରାପ୍ତେଷୁ :

ସମସ୍ତ ରାଜସ୍ୱ ଡିଭିଜନାଲ କମିଶନର

ସମସ୍ତ ଜିଲ୍ଲାପାଳ

ବିଷୟ:- ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଅମଲା ପଦବୀରେ ( Junior Clerk ) ନିଯୁକ୍ତି ।

ମହାଶୟ,

ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ମାନଙ୍କରେ କନିଷ୍ଠ କିରାଣୀ ପଦବୀରେ ନିଯୁକ୍ତି ଦେବାପାଇଁ ଏହି ବିଭାଗର ସଂକଳ୍ପ ସଂଖ୍ୟା 5248/ସା:,ତା.27.2.85 ଲାଗୁହେବ କି ନାହିଁ ସେ ବିଷୟରେ କେତେକ ଦ୍ୱନ୍ଦ ଉପୁଜିଥିବାର ଏହି ବିଭାଗର ଦୃଷ୍ଟିକୁ ଆସିଅଛି । ବର୍ତ୍ତମାନ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ ମାନଙ୍କରେ କନିଷ୍ଠ କିରାଣୀ ପଦବୀରେ ନିଯୁକ୍ତି ଦେବା ପଦ୍ଧତି ଓଡିଶା ଅମଲାସେବା ନିୟମାବଳୀ ( O.M.S. (Method of recruitment to the posts of Junior Clerk in District ~~Offices~~ offices ) Rules, 1982 ଦ୍ୱାରା ନିୟନ୍ତ୍ରିତ । ଏହି ବିଭାଗ ସଂକଳ୍ପର ପ୍ରଥମ ପରିଚ୍ଛେଦରେ ସ୍ପଷ୍ଟ କରି ଦିଆଯାଇଅଛି ଯେ, ସଂକଳ୍ପରେ ଦିଆଯାଇଥିବା ପଦ୍ଧତି ( guide line ) ଯେଉଁ ଅଣଗେଜେଟେଡ୍ ପଦବୀରେ ନିଯୁକ୍ତି ପାଇଁ ରାଜ୍ୟସ୍ତରରେ ବଚ୍ଛାବଚ୍ଛି ହେବ ଏବଂ ଯେଉଁ ଅଣଗେଜେଟେଡ୍ ପଦାଧାରୀମାନଙ୍କୁ ବିଭିନ୍ନ ଜିଲ୍ଲାକୁ ବଦଳି କରାଯିବ କେବଳ ସେହିମାନଙ୍କ କ୍ଷେତ୍ରରେ ~~ଏହି ସଂକଳ୍ପରେ ଦିଆଯାଇଥିବା ପଦ୍ଧତି~~ ଲାଗୁ ହେବ । ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର କିରାଣୀମାନେ ଗୋଟିଏ ଜିଲ୍ଲାରୁ ଅନ୍ୟ ଜିଲ୍ଲାକୁ ବଦଳି ହୁଅନ୍ତି ନାହିଁ ଏବଂ ସେମାନଙ୍କର ନିଯୁକ୍ତି ପରୀକ୍ଷା ରାଜ୍ୟସ୍ତରରେ ହୁଏ ନାହିଁ । ଏହା ବ୍ୟତୀତ, ଏହି ସଂକଳ୍ପ ଏକ ନିର୍ବାହୀ ଆଦେଶ ( Executive Instruction ) ହୋଇଥିବାରୁ ଏହାର କୌଣସି ପ୍ରଭାବ ( over-riding effect ) ବୈଧାନିକ ନିୟମାବଳୀ ଅର୍ଥାତ୍ ଓଡିଶା ଅମଲା ସେବା 1982 ନିୟମାବଳୀ ଉପରେ ପଡିବ ନାହିଁ ।

ଆପଣଙ୍କର ବିଶ୍ୱସ୍ତ

12.7.85

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 15884/ସା:ପ୍ର:,ତା. 18.7.85

OGP (Forms) 1299---5,00,000---6-5-1980

ଏହାର ନକଲ ସରକାରଙ୍କର ସମସ୍ତ ବିଭାଗ/ ସମସ୍ତ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ମାନଙ୍କ ଅବଗତି ନିମନ୍ତେ ପଠାଗଲା ।

ଉପ ଶାସନ ସଚିବ